Candidate must not write on this margin.

# CSM—60/23

## PART—II/PAPER—VI

## PUBLIC ADMINISTRATION

## ଲୋକ ପ୍ରଶାସନ

## PAPER—I

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The question paper contains* **18 (Eighteen)** *questions in* **GROUP—A, (12)** *and* **GROUP—B, (06)** *together.*

ପ୍ରତ୍ୟେକ ପ୍ରଶ୍ନପତ୍ରରେ **GROUP—A, (12)** ଏବଂ **GROUP—B, (06)**କୁ ମିଶାଇ **18**ଟି ପ୍ରଶ୍ନ ରହିଛି।

### GROUP—A

### ଗ୍ରୁପ୍—A

*Candidates to attempt* **10** ***(ten)*** *questions within word limit of* **250**. *Each question carries* **15** *marks.*

ପରୀକ୍ଷାର୍ଥୀମାନେ **୧୦**ଟି ପ୍ରଶ୍ନ **୨୫୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୧୫** ମାର୍କ।

**1.** Examine the evolving nature and scope of Public Administration in the context of modern governance. How has it adapted to the complexities of contemporary public policy challenges?

ଆଧୁନିକ ଶାସନପଦ୍ଧତି ପରିପ୍ରେକ୍ଷୀରେ ଲୋକ ପ୍ରଶାସନର ବିକଶିତ ପ୍ରକୃତି ଏବଂ ପରିସର ସମ୍ବନ୍ଧରେ ଆଲୋଚନା କର। ସମକାଳୀନ ଜନଯୋଜନା ଦିଗରେ ଥିବା ଆହ୍ୱାନର ଜଟିଳତା ମୁକାବିଲା ପାଇଁ ଏହାକୁ କିପରି ଉପଯୋଗୀ କରାଯାଇପାରିଛି, ଆଲୋଚନା କର।

Candidate must not write on this margin.

2. The emergence of a New Public Administration (NPA) sought to address the perceived inadequacies of traditional bureaucratic models. Critically analyse its core principles and assess its impact on administrative reforms.

ନୂତନ ଲୋକ ପ୍ରଶାସନ (NPA)ର ଆବିର୍ଭାବ ପାରମ୍ପରିକ ଅମଲାତାନ୍ତ୍ରିକ ନମୁନାରେ ଉପଲବ୍ଧ ଅଭାବବୋଧ କୁ ଦୂରକରିବା ପାଇଁ ଆବଶ୍ୟକ। ଏହାର ମୁଖ୍ୟନୀତି କୁ ବିଶ୍ଳେଷଣ କରିବା ସଙ୍ଗେ ସଙ୍ଗେ ପ୍ରଶାସନିକ ସଂସ୍କାର ଦିଗରେ ଏହାର ପ୍ରଭାବ ସମ୍ବନ୍ଧରେ ଆଲୋଚନା କର।

3. How should traditional organisational principles evolve to address the challenges of e-governance and artificial intelligence in public administration?

ଲୋକ ପ୍ରଶାସନରେ ଇ-ଶାସନସମ୍ବନ୍ଧୀୟ ଏବଂ କୃତ୍ରିମ ବୁଦ୍ଧମତା ସମ୍ବନ୍ଧୀୟ ଆହ୍ୱାନଗୁଡ଼ିକୁ କିପରି ପାରମ୍ପରିକ ଆନୁଷ୍ଠାନିକ ନୀତି ଦ୍ୱାରା ବିକଶିତ କରାଯାଇପାରିବ, ଆଲୋଚନା କର।

4. Power without accountability is a dangerous force. How do public organisations ensure institutional checks and balances to maintain transparency and responsiveness?

ଦାୟିତ୍ୱ ବିନା କ୍ଷମତା ହେଉଛି ଏକ ବିପଦପୂର୍ଣ୍ଣ ଶକ୍ତି। ସାର୍ବଜନୀନ ସଂଗଠନଗୁଡ଼ିକ କିପରି ସାଂଗଠନିକ ଯାଞ୍ଚ ସୁନିଶ୍ଚିତ କରନ୍ତି ଏବଂ ସ୍ୱଚ୍ଛତା ଓ ପ୍ରତିକ୍ରିୟାଶୀଳତା ବଜାୟ ରଖିବା ପାଇଁ ଭାରସାମ୍ୟ ରକ୍ଷା କରନ୍ତି। ବୁଝାଇ ଲେଖ।

5. Policies often reflect the priorities of those in power rather than the real needs of the people. How can public administration ensure policy formulation remains objective and inclusive?

ନୀତିଗୁଡ଼ିକ ପ୍ରାୟତଃ ଲୋକଙ୍କ ପ୍ରକୃତ ଆବଶ୍ୟକତା ଅପେକ୍ଷା କ୍ଷମତାରେ ଥିବା ଲୋକଙ୍କ ପ୍ରାଥମିକତା କୁ ପ୍ରତିଫଳିତ କରେ। ନୀତିନିର୍ଦ୍ଧାରଣକୁ ବସ୍ତୁନିଷ୍ଠ ଏବଂ ଅନ୍ତର୍ଭୁକ୍ତ କରିବାପାଇଁ ସାଧାରଣ ପ୍ରଶାସନ କିପରି ନିଶ୍ଚିତ କରିପାରିବ? ଉତ୍ତରଟି ଲେଖ।

6. "Rational decision-making is an illusion in governance where politics, pressure and perception dominate." Discuss the validity of this statement in contemporary administration.

"ରାଜନୀତି, ଚାପ ଏବଂ ଧାରଣା ପ୍ରାଧାନ୍ୟ ବିସ୍ତାର କରୁଥିବା ଶାସନ ବ୍ୟବସ୍ଥାରେ ଯୁକ୍ତିଯୁକ୍ତ ନିଷ୍ପତ୍ତି ନେବା ଏକ ଭ୍ରମ।" ସମକାଳୀନ ପ୍ରଶାସନରେ ଏହି ଉକ୍ତିର ବୈଧତା ବିଷୟରେ ଆଲୋଚନା କର।

**7.** Corruption is often seen as a significant impediment to good governance. Discuss the structural and procedural reforms needed to tackle corruption in public administration.

ଦୁର୍ନୀତିକୁ ପ୍ରାୟତଃ ସୁଶାସନପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ଭାବରେ ଦେଖାଯାଏ। ସାର୍ବଜନୀନ ପ୍ରଶାସନରେ ଦୁର୍ନୀତିର ମୁକାବିଲା ପାଇଁ ଆବଶ୍ୟକ ସାଂରଚନିକ ଏବଂ ପ୍ରକ୍ରିୟାଗତ ସଂସ୍କାର ବିଷୟରେ ଆଲୋଚନା କର।

**8.** Is judicial oversight over administration essential for democracy, or does it undermine executive efficiency? Discuss with recent examples.

ଗଣତନ୍ତ୍ର ପାଇଁ ପ୍ରଶାସନ ଉପରେ ନ୍ୟାୟିକ ତଦାରଖ ଜରୁରୀ କି, ନା ଏହା କାର୍ଯ୍ୟନିର୍ବାହୀ ଦକ୍ଷତାକୁ ଦୁର୍ବଳ କରେ? ସାମ୍ପ୍ରତିକ ଦୃଷ୍ଟାନ୍ତ ମାଧ୍ୟମରେ ଏହାକୁ ଆଲୋଚନା କର।

**9.** Delegated legislation is often viewed as a necessary evil. Discuss this statement concerning judicial and legislative controls over delegated powers in India.

ନ୍ୟସ୍ତଆଇନକୁ ପ୍ରାୟତଃ ଏକ ଆବଶ୍ୟକୀୟ ଅନିଷ୍ଟକାରକ (necessary evil) ଭାବେ ରେ ଦେଖାଯାଏ। ଭାରତରେ ନ୍ୟସ୍ତ କ୍ଷମତା ଉପରେ ନ୍ୟାୟିକ ଏବଂ ଆଇନଗତ ନିୟନ୍ତ୍ରଣ ସମ୍ବନ୍ଧୀୟ ଏହି ବିବୃତ୍ତି ଉପରେ ଆଲୋଚନା କର।

**10.** Discuss the relevance of work-study and work management in improving administrative efficiency. How can they be institutionalised in the public sector?

ପ୍ରଶାସନିକ କ୍ଷମତା ବୃଦ୍ଧି ଦିଗରେ କାର୍ଯ୍ୟଅଧ୍ୟୟନ ଏବଂ କାର୍ଯ୍ୟ ପରିଚାଳନା ର ପ୍ରାସଙ୍ଗିକତା ଆଲୋଚନା କର। ସରକାରୀ କ୍ଷେତ୍ରରେ ସେମାନଙ୍କୁ କିପରି ପ୍ରତିଷ୍ଠାନଗତ କରାଯାଇପାରିବ ଆଲୋଚନା କର।

**11.** New Public Management (NPM) emerged as a response to bureaucratic inefficiencies. Evaluate its impact on administrative reforms in developing countries, discussing its successes and limitations.

ନୂତନ ସାର୍ବଜନୀନ ପରିଚାଳନା ଅମଲାତାନ୍ତ୍ରିକ ଅଦକ୍ଷତାର ପ୍ରତିକ୍ରିୟା ଭାବରେ ଉଭା ହୋଇଥିଲା। ବିକାଶଶୀଳ ଦେଶଗୁଡ଼ିକରେ ପ୍ରଶାସନିକ ସଂସ୍କାର ଉପରେ ଏହାର ପ୍ରଭାବ ମୂଲ୍ୟାଙ୍କନ କରି ଏହାର ସଫଳତା ଏବଂ ସୀମାବଦ୍ଧତା ବିଷୟରେ ଲେଖ।

**12.** Given the changing nature of governance, should lateral entry be expanded in Indian Civil Services? Critically evaluate its implications on bureaucratic neutrality, competence and accountability.

ଶାସନର ପରିବର୍ତ୍ତିତ ପ୍ରକୃତିକୁ ଦୃଷ୍ଟିରେ ରଖି ଭାରତୀୟ ପ୍ରଶାସନିକ ସେବାରେ ପାର୍ଶ୍ୱିକପ୍ରବେଶ (lateral entry)କୁ ବିସ୍ତାର କରାଯିବା ଉଚିତ୍ କି? ଏହାର ପ୍ରଶାସନିକ ନିରପେକ୍ଷତା, ଦକ୍ଷତା ଏବଂ ଦାୟିତ୍ୱ ଉପରେ ପ୍ରଭାବକୁ ସମାଲୋଚନାମୂଳକ ଭାବରେ ମୂଲ୍ୟାଙ୍କନ କର।

**Candidate must not write on this margin.**

## GROUP—B

## ଗ୍ରୁପ୍—B

*Candidates to attempt* **05 *(five)*** *questions within word limit of* **300**.
*Each question carries* **20** *marks.*

ପରୀକ୍ଷାର୍ଥୀମାନେ **୦୫**ଟି ପ୍ରଶ୍ନ **୩୦୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୨୦** ମାର୍କ।

Candidate must not write on this margin.

**13.** Weber envisioned bureaucracy as a rational-legal model. How can bureaucratic inertia be minimised while preserving its advantages?

ୱେବର (Weber) ଅମଲାତନ୍ତ୍ରକୁ ଏକ ଯୁକ୍ତିଯୁକ୍ତ ଆଇନଗତ ମଡେଲ୍ ଭାବରେ କଳ୍ପନା କରିଥିଲେ। ଏହାର ସୁବିଧାକୁ ସଂରକ୍ଷଣ କରି କିପରି ଅମଲାତାନ୍ତ୍ରିକ ଜଡ଼ତାକୁ ହ୍ରାସ କରାଯାଇ ପାରିବ, ଆଲୋଚନା କର।

**14.** The effectiveness of public administration largely depends on the leadership style and functional approach of the Chief Executive. Critically analyse this statement by discussing different types of the Chief Executives and their impact on governance.

ଲୋକପ୍ରଶାସନର କାର୍ଯ୍ୟକାରିତା ବିଶେଷତଃ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ନେତୃତ୍ୱଶୈଳୀ ଏବଂ କାର୍ଯ୍ୟକାରିତା ଆଭିମୁଖ୍ୟ ଉପରେ ନିର୍ଭର କରେ। ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ପ୍ରକାରଭେଦ ଏବଂ ଶାସନ ଉପରେ ସେମାନଙ୍କର ପ୍ରଭାବ ଭିତ୍ତିରେ ଉପରୋକ୍ତ ମତାମତଟି ବିଶ୍ଳେଷଣ କର।

**15.** The 'garbage can model' of policy formulation argues that decision-making is often irrational and based on organisational anarchy. To what extent does this model apply to contemporary Indian public policy? Provide illustrations.

ନୀତି ପ୍ରଣୟନର 'garbage can model' ଯୁକ୍ତିକରେ ଯେ ନିଷ୍ପତ୍ତିଗ୍ରହଣ ପ୍ରାୟତଃ ଅଯୌକ୍ତିକ ଏବଂ ସଂଗଠନାତ୍ମକ ଅରାଜକତା ଉପରେ ଆଧାରିତ। ଏହି ମଡେଲ୍ ସମସାମୟିକ ଭାରତୀୟ ସାର୍ବଜନୀନ ନୀତିରେ କେତେ ପରିମାଣରେ ପ୍ରଯୁଜ୍ୟ? ଦୃଷ୍ଟାନ୍ତ ମାଧ୍ୟମରେ ଏହାକୁ ବୁଝାଇ ଲେଖ।

**16.** Is delegated legislation a necessity or a constitutional compromise? Analyse its implications on the doctrine of separation of powers.

ନ୍ୟସ୍ତଆଇନ ଏକ ଆବଶ୍ୟକତା ନା ଏକ ସାମ୍ବିଧାନିକ ଆପୋଷ? କ୍ଷମତା ପୃଥକୀକରଣ ସିଦ୍ଧାନ୍ତ ଉପରେ ଏହାର ପ୍ରଭାବ ବିଶ୍ଳେଷଣ କର।

**Candidate must not write on this margin.**

**17.** How does India's quasi-federal structure create policy implementation asymmetries across States and what mechanisms can bridge this governance gap? Analyse with contemporary policy examples.

ଭାରତର ଆଧାସଂଘୀୟଗଠନ କିପରି ରାଜ୍ୟଗୁଡ଼ିକରେ ନୀତି କାର୍ଯ୍ୟାନ୍ବୟନ ଅସମାନତା ସୃଷ୍ଟିକରେ ଏବଂ କେଉଁ ପଦ୍ଧତି ଏହି ଶାସନ ବ୍ୟବଧାନକୁ ପୂରଣ କରିପାରିବ? ସମକାଳୀନ ନୀତି ର ଦୃଷ୍ଟାନ୍ତ ମାଧ୍ୟମରେ ବୁଝାଇ ଲେଖ।

**18.** Can 'representative bureaucracy' and 'meritocracy' coexist without conflict? Justify with global examples.

'ପ୍ରତିନିଧିପୂର୍ଣ୍ଣ ଅମଲାତନ୍ତ୍ର' ଏବଂ 'ଯୋଗ୍ୟତାତନ୍ତ୍ର' କ'ଣ ବିବାଦ ବିନା ସହାବସ୍ଥାନ କରିପାରିବେ? ବିଶ୍ୱବ୍ୟାପୀ ଦୃଷ୍ଟାନ୍ତ ମାଧ୍ୟମରେ ଏହାକୁ ଯଥାର୍ଥ ଭାବରେ ଆଲୋଚନା କର।

★★★

Candidate must not write on this margin.

Candidate must not write on this margin.

SPACE FOR ROUGH WORK

Candidate must not write on this margin.